# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 24 Morning – 2024

# ବିଶ୍ୱ ଯକ୍ଷ୍ମା ଦିବସ

ଆଜି ବିଶ୍ୱ ଯକ୍ଷ୍ମା ଦିବସ । ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ କରିଛନ୍ତି। ଯକ୍ଷ୍ମାରୋଗର ବିଶ୍ୱରେ ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରାଇବା, ଏହି ରୋଗକୁ ନିୟନ୍ତ୍ରଣ କରିବାରେ ଆହ୍ୱାନ ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ପ୍ରୟାସକୁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି।

ଏହିକ୍ରମରେ ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷ ବିଶ୍ୱ ଯକ୍ଷ୍ମା ଦିବସର ବିଷୟବସ୍ତୁ ରହିଛି 'ହଁ ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚିତ କରିପାରିବା' । ରାଜ୍ୟରେ ବର୍ତ୍ତମାନ ପ୍ରତି ଏକ ଲକ୍ଷ ଲୋକଙ୍କ ମଧ୍ୟରେ ୨ହଜାର ୫୪୮ ପରୀକ୍ଷା କରାଯାଉଛି । ପ୍ରାୟ ସମସ୍ତ ହସ୍ପିଟାଲରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି । ଦୁଇ ସପ୍ତାହରୁ ଅଧିକ ସମୟ ଧରି କାଶ ହେଲେ ତୁରନ୍ତ ପରୀକ୍ଷା କରାଇନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଭିନ୍ନ ଘରୋଇ ସଂସ୍ଥା

ସହଯୋଗରେ ଚିହ୍ନଟ ଚିକିତ୍ସା ପ୍ରତିଷେଧକ ସହିତ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ।

## ଦ୍ୱୈତନଗରୀରେ ନିର୍ବାଚନ

ସାଧାରଣ ନିର୍ବାଚନ ୨୦୨୪କୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବାଲାଗି କମିଶନରେଟ୍ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଦ୍ୱୈତନଗରୀରେ ମତଦାତାମାନେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କଟକ ଓ ଭୁବନେଶ୍ୱର ସହରାଞ୍ଚଳରେ ମୋଟ୍ ୧ହଜାର ୮ଶହ ଅଣଚାଳିଶିଟି ବୁଥ୍ ରହିଥିବାବେଳେ ୨୭୧ଟି ସମ୍ବେଦନଶୀଳ ବୁଥ୍ ରହିଛି । ଦ୍ୱୈତନଗରୀରେ ଚିହ୍ନଟ କରାଯାଇଥିବା ସମ୍ବେଦନଶୀଳ ବୁଥ୍ ଗୁଡ଼ିକରେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଗୁରୁତ୍ୱ ଦିଆଯାଇ ବୁଥ୍ ଗୁଡ଼ିକରେ ଜଣେ ଲେଖାଏଁ ମାଇକ୍ରୋ ଅବଜରଭର ଓ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ କରାଯିବାସହ ୱେବ୍ କାଷ୍ଟିଂକୁ ବାଧ୍ୟତାମୂଳକ କରାଯାଇଛି ।

## ସ୍ପଟ୍ ନାମଲେଖା

ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ପଟ୍ ନାମଲେଖା ହେବ । ଆସନ୍ତା ୨୭ ତାରିଖ ବୁଧବାରଠାରୁ ଏପ୍ରିଲ ୬ ତାରିଖ ଯାଏଁ ଏହା ଚାଲିବ । ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ଥିବା ୭ଟି ବିଷୟରେ ଏହି ନାମଲେଖା ସକାଳ ୯ଟାରୁ ସଂଧ୍ୟା ୫ଟା ଯାଏଁ ଚାଲିବ ।

ଓଡ଼ିଶାର ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ନାମଲେଖା ପାଇଁ ଆବଶ୍ୟକ ପ୍ରମାଣପତ୍ର ସାଥୀରେ ଆଣିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀ-ମେସିନ୍

ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ସହଜ ଓ ସୁବିଧାରେ ବହି ପାଠ୍ୟକ୍ରମ ସହ ବିଭିନ୍ନ ପାଠକ୍ରମ ସମ୍ପର୍କିତ ପାଠ୍ୟସାମଗ୍ରୀ ଯୋଗାଇ ଦେବାପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଟେକ୍ସଟ୍ ରେକଡିଂ ମେସିନ୍ ଯୋଗାଇ ଦିଆଯିବ । ଏହାଦ୍ୱାରା ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ପାଠପଢ଼ାକୁ ରେକର୍ଡିଂ କରି ରଖିବା ସହ ପାଠାଗାରରେ ଥିବା କମ୍ପ୍ୟୁଟର ସହଯୋଗରେ ବ୍ରେଲି କପି ପ୍ରିଣ୍ଟ କରି ନେଇପାରିବେ । ଯାହାଦ୍ୱାରା ତାଙ୍କ ପାଠପଢ଼ା ସହଜ ଓ ସରଳ ହୋଇପାରିବ । ଶ୍ରେଣୀଗୃହରେ ଶିକ୍ଷାଦାନ ହେଉଥିବା ବିଷୟବସ୍ତୁକୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଲେଖିପାରୁନଥିବାରୁ ସେମାନଙ୍କୁ ଏହି ମେସିନ୍ ଦିଆଯିବ ।

## ରିଜର୍ଭ ବ୍ୟାଙ୍କ-ଛୁଟି

ଚଳିତ ଆର୍ଥିକ ବର୍ଷର ଶେଷ ଦୁଇ ଦିନ ୩୦ ଓ ୩୧ ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଗୁଡିକ ଖୋଲା ରହିବ । ଏହି ଦୁଇଦିନ ଶନିବାର ଏବଂ ରବିବାର ଥିଲେ ମଧ୍ୟ ସରକାରୀ ଦେୟ ଓ ପୈଠକୁ ସୁବିଧାଜନକ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ପଦକ୍ଷେପ

ନିଆଯାଇଛି । ସେହିପରି ଚଳିତମାସର ଶେଷ ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ କହିଛି ।

# ପ୍ଲାନେଟୋରିୟମ ବନ୍ଦ

ଭୁବନେଶ୍ୱରସ୍ଥିତ ପଠାଣିସାମନ୍ତ ପ୍ଲାନେଟୋରିୟମ ଆସନ୍ତା ୨୬ ତାରିଖ ମଙ୍ଗଳବାର ହୋଲି ଉତ୍ସବ ପାଇଁ ବନ୍ଦ ରହିବ । ଏନେଇ ପ୍ଲାନେଟୋରିୟମ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ପ୍ରତିଦିନ ରାଜ୍ୟର କୋଣଅନୁକୋଣରୁ ଶହଶହ ଛାତ୍ରଛାତ୍ରୀ, ଗବେଷକ ପ୍ଲାନେଟୋରିୟମ ଆସି ମହାକାଶବିଜ୍ଞାନ ଓ ବିଶ୍ୱର ସୃଷ୍ଟି ସମ୍ପର୍କରେ ପ୍ରସ୍ତୁତ ଏକାଧିକ ଶୋ' ଦେଖିଥାନ୍ତି ।

# ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମ ଉତ୍ତାପ କ୍ରମଶଃ ବଢ଼ିବାରେ ଲାଗିଛି । ଗତକାଲି ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୪ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି । ସେହିଭଳି ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ବଢ଼ିପାରେ । ପରବର୍ତ୍ତୀ ସମୟରେ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବାରୁ ଅନେକ ଅଞ୍ଚଳରେ ପାରଦ ୪୦ଡିଗ୍ରୀ ଅତିକ୍ରମ କରିବା ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ହସ୍ପିଟାଲ ଗୁଡ଼ିକରେ ଅଗ୍ନିକାଣ୍ଡ ରୋକିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ସରକାରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା - ଏନ୍.ଡି.ଏମ୍.ଏ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ସ୍ୱୀକୃତିପ୍ରାପ୍ତ ଡାକ୍ତରଖାନାଗୁଡ଼ିକୁ ସମ୍ପୂର୍ଣ୍ଣ ଯାଞ୍ଚକରିବା, ବିଦ୍ୟୁତ୍ ଲୋଡ କ୍ଷମତାର ଅସଂଗତି ଦୂର କରିବା ଏବଂ ରାଜ୍ୟ ଅଗ୍ନିଶମ ବିଭାଗଠାରୁ ବୈଧ ଅଗ୍ନିଶମ ଆପତ୍ତିବିହୀନ ପ୍ରମାଣପତ୍ର ହାସଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ଟ୍ ସର୍କିଟ୍ ଓ ଓଭର ଲୋଡିଂ ଯୋଗୁଁ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟୁଥିବାରୁ ନିୟମିତ ଇଲେକ୍ଟ୍ରିକାଲ ଲୋଡ ଅଡିଟ୍ କରିବାକୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି ।